## ସଂକ୍ଷେପରେ

### ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା

ବ୍ରହ୍ମପୁର ଅଫିସ,୧୮।୧୨: ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଶାଖା ସାଧାରଣ ପରିଷଦ ବୈଠକ ବିଶ୍ୱନାଥ ପଣ୍ଡିତ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶାଖା ସଂଘ ୨ବର୍ଷ ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଆଇନ ପରାମର୍ଶଦାତା ପ୍ରଦୀପ କୁମାର ବେହେରା ନିର୍ବାଚନ ଅଧିକାରୀ ଥିଲେ। ତାଙ୍କ ସୂଚନାନୁସାରେ, ରାଜୁ ଚିନ୍ନା ସାଧାରଣ ସମ୍ପାଦକ ହୋଇଥିବା ବେଳେ ରବି ନାରାୟଣ ବେହେରା ଓ ପ୍ରକାଶ ବେହେରା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏନ୍. ନିରଞ୍ଜନ ଦାସ ଓ ରାଜଲକ୍ଷ୍ମୀ ସାହୁ ସଂଗଠନ ସମ୍ପାଦକ ଏବଂ ବି. ଚନ୍ଦ୍ର ପାତ୍ର କାର୍ଯ୍ୟାଳୟ ସମ୍ପାଦକ ଓ ସନ୍ନ୍ୟାସୀ ନାୟକଙ୍କୁ କୋଷାଧକ୍ଷ କରାଯାଇଛି। ସଂଘ ଉପଦେଷ୍ଟା ଏବଂ ଆଇନ ପରାମର୍ଶଦାତା ଭାବେ ଯଥାକ୍ରମେ ରବି ରଥ ଓ ପ୍ରଦୀପ କୁମାର ବେହେରା ପୁନଃ ମନୋନୀତ ହୋଇଛନ୍ତି ।

ସାଧାରଣ ବୈଠକରେ ରାଜ୍ୟ ସଂଘ ଉପସଭାପତି ସୁକାନ୍ତ ମୁଖୀ ଓ ଶାଖା ସଂଘ ପୂର୍ବତନ ସମ୍ପାଦକ ଲାଲୁ ମୋହନ ବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ଉପସ୍ଥିତ ରହି ନିର୍ବାଚନରେ ଭାଗ ନେଇଥିଲେ। ବିଜେଡି ଜିଲା ଉପସଭାପତି ସଞ୍ଜିତ ପାଣିଗ୍ରାହୀଙ୍କୁ ଅନ୍ୟତମ ଆଇନ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିଲା। ବୈଠକରେ ରବି ରଥ ଅଧକ୍ଷତା କରିଥିଲେ । ୨୧ ଜଣିଆ କାର୍ଯ୍ୟକାରୀ କମିଟିରେ ତାରିଣୀ କହ୍ନେଇ, ବିଭୂତି ଭୂଷଣ ମିଶ୍ର, ଏମ୍. ଉଷାରାଣୀ, ଗୌରୀ ଘଡ଼େଇ, ହରିହର ଚିନ୍ନା, ଉମା ଚୌଧୁରୀ, ନୀଳାଦ୍ରି ପାତ୍ର, ଆନନ୍ଦ ମିଶ୍ର, ଗୌରହରି ମହାପାତ୍ର, ରାମ ଗୌଡ଼, ସନାତନ ନାୟକ, ସିଏଚ୍ ସୁନୀଲ ପାତ୍ର, ନନ୍ଦିନୀ ସାମନ୍ତରା, ରମେଶ ରାଓ, ମୁରଲୀ ରାଜୁ, ବିଷ୍ଣୁ, ଘନଶ୍ୟାମ ସାହୁ, ପୂର୍ଣ୍ଣ ରେଡ୍ଡୀ, ଲକ୍ଷ୍ମୀ ପାତ୍ର, ମନୋଜ ନାୟକ, ଜ୍ୟୋତ୍ସ୍ନା ତ୍ରିପାଠୀ ଓ ମଞ୍ଜୁ ନାୟକ ଅଛନ୍ତି।

### ମହାରାଜାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତୁତି

ପାରଳାଖେମୁଣ୍ଡି,୧୮।୧୨(ସ୍ୱ.ପ୍ର.): ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଧୀନ ଗୁରାଣ୍ଡିସ୍ଥିତ ଏସ୍‌କେସିଜି ହାଇସ୍କୁଲର ପ୍ରତିଷ୍ଠା ତଥା ଶତବାର୍ଷିକି ଉତ୍ସବ ଡିସେମ୍ବର ୨୭ ଏବଂ ୨୮ ଦୁଇଦିନ ଧରି ପାଳନ ହେବ। ଏହି ଉପଲକ୍ଷେ ସ୍କୁଲ୍ ପରିସରରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣଦେବଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ନିର୍ମାଣ ହୋଇଛି। ସ୍କୁଲ୍‌ର ଶତବାର୍ଷିକି ଉତ୍ସବ ଅବସରରେ ମହାରାଜାଙ୍କ ପ୍ରତିମର୍ତ୍ତୀ ପ୍ରତିଷ୍ଠା ଓ ଉନ୍ମୋଚିତ ହେବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା କମିଟି ପକ୍ଷରୁ ସୂଚନା ମିଳିଛି।

## ■ ୨ ପାଚିକାଙ୍କୁ କାର୍ଯ୍ୟରୁ ବହିଷ୍କାର ଅଭିଯୋଗ

# ପ୍ରତିବାଦରେ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ବ୍ରହ୍ମପୁର ଅଫିସ,୧୮।୧୨

ବ୍ରହ୍ମପୁର ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ପାଚିକାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ବୁଧବାର ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ଓଡିଶା ମିଳିତ ବିଦ୍ୟାଳୟ ପାଚିକା-ସହାୟିକା ସଂଘ ସମର୍ଥନରେ ଦୁଇ ପାଚିକା ଧାରଣା ଦେଇଛନ୍ତି । କାର୍ଯ୍ୟର ସୁ-ବ୍ୟବସ୍ଥା କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବାକୁ ସେମାନେ ଚେତାବନୀ ଦେଇଛନ୍ତି ।

ଅଭିଯୋଗ ପ୍ରକାରେ, ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି କୁନି ସାହୁ ଓ ଗୀତା ନାୟକ ପାଚିକା ଭାବେ କାର୍ଯ୍ୟ କରି ଆସୁଛନ୍ତି । ସେମାନେ କେବଳ ମଧ୍ୟାହ୍ନ ଭୋଜନ କାର୍ଯ୍ୟ ପାଇଁ ନିଯୁକ୍ତ ହୋଇଥିବା ବେଳେ ଉକ୍ତ କାମ ବ୍ୟତୀତ ସ୍କୁଲର ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ସାହାଯ୍ୟ, ସହଯୋଗ କରି ଆସୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କୁ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରୁଥିଲେ । ଏହାର ପ୍ରତିବାଦ କରିବାରୁ କୌଣସି ନୋଟିସ ନ ଦେଇ ସେମାନଙ୍କୁ ବହିଷ୍କାର କରାଯାଇଥିବା ଦୁଇ ପାଚିକା ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ଓ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ମଧ ସ୍କୁଲ କର୍ତ୍ତୃପକ୍ଷ ମିଥ୍ୟା, ବିଶୃଙ୍ଖଳା ସୃଷ୍ଟି କରିବା ଆରୋପ କରି କାର୍ଯ୍ୟରୁ ବହିଷ୍କାର କରାଯାଇଥିବା କହିଛନ୍ତି । ଅନ୍ୟାୟ ଭାବେ କାର୍ଯ୍ୟ ବନ୍ଦ କରିଥିବା ପାଚିକାଙ୍କୁ ତୁରନ୍ତ ତାଙ୍କ କାର୍ଯ୍ୟର ସୁ-ବ୍ୟବସ୍ଥା କରିବାକୁ ପାଚିକା ସହାୟକ ସଂଘ ଜିଲା ସଭାପତି କାର୍ତ୍ତିକ ଚନ୍ଦ୍ର ମହାନ୍ତି ଦାବି କରିଛନ୍ତି।



ଦୁଇ ପାଚିକା ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ଅନ୍ୟପକ୍ଷରେ ପାଚିକାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି । କମିଟିଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ମାର୍ଚ୍ଚ ୨୦ରୁ କୁନି ସାହୁ କାର୍ଯ୍ୟକୁ ଆସିନ ଥିବାରୁ ଦୀର୍ଘ ଦିନ ଛୁଟି କାରଣରୁ କମିଟିର ସଦସ୍ୟ ଓ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଅବଗତ କରାଯାଇ ତାଙ୍କ କାର୍ଯ୍ୟ ବନ୍ଦ କରାଯାଇଛି । ସେହିପରି କାର୍ଯ୍ୟରେ ଅବହେଳା ପାଇଁ

**ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

■ଅଭିଯୋଗ ଭିତ୍ତିହୀନ : ବିଦ୍ୟାଳୟ ପରିଚାଳନା କମିଟି

ବିଦ୍ୟାଳୟ ପରିଚାଳନା କମିଟି, ବିଇଓଙ୍କୁ ଅବଗତ କରାଯାଇ ଗୀତା ନାୟକଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିବା କମିଟି ପକ୍ଷରୁ କୁହାଯାଇଛି। ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା କହିଛନ୍ତି, ବିଦ୍ୟାଳୟର ପାଚିକାମାନଙ୍କ ନିଯୁକ୍ତି ପ୍ରକ୍ରିୟା ବିଦ୍ୟାଳୟ ପରିଚାଳନା କମିଟି ବୁଝିବ । ଏଥିରେ ଜିଲା ଶିକ୍ଷାଧିକାରୀଙ୍କ କୌଣସି ଭୂମିକା ନାହିଁ । ବିଦ୍ୟାଳୟ ପାଇଁ କର୍ତ୍ତବ୍ୟ ଦୃଷ୍ଟିରେ ପାଚିକାମାନେ ସ୍ୱଚ୍ଛତା, ପରିସ୍କାର, ପରିଚ୍ଛନ୍ନତା ଦିଗରେ ମଧ ସହାୟତା କରିବା ଆବଶ୍ୟକ ।

## ଆଜି ବ୍ରହ୍ମପୁର ଆସୁଛନ୍ତି ସମବାୟ, ଯୋଗାଣ ମନ୍ତ୍ରୀ

### ବିସିସି ସମେତ ୩ ସମବାୟ ବ୍ୟାଙ୍କର କରିବେ ସମୀକ୍ଷା

ବ୍ରହ୍ମପୁର ଅଫିସ,୧୮।୧୨

ରାଜ୍ୟ ସମବାୟ, ଖାଦ୍ୟ ଓ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁବାର ବ୍ରହ୍ମପୁର ଗସ୍ତରେ ଆସିବେ । ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଓ କୋରାପୁଟ ସମବାୟ କେନ୍ଦ୍ର ବ୍ୟାଙ୍କ କାର୍ଯ୍ୟାବଳୀ ନେଇ ଚିକିନିଖି ସମୀକ୍ଷା କରିବେ। ବିସିସି ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଉପରୋକ୍ତ ୩ ବ୍ୟାଙ୍କ ସଭାପତି, ସିଇଓ ତଥା ପରିଚାଳନା ବୋର୍ଡ ସମ୍ପାଦକ, ରାଜ୍ୟ ସମବାୟ ନିବନ୍ଧକ, ଡେପୁଟି ରେଜିଷ୍ଟ୍ରାର, ବିଭିନ୍ନ ସର୍କଲ ସହକାରୀ ନିବନ୍ଧକଙ୍କ ସମେତ ବିଭାଗୀୟ ପଦାଧିକାରୀ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ■ ନ୍ୟାଶନାଲ ଇଣ୍ଟିଗ୍ରେଶନ କ୍ୟାମ୍ପ

# ଗଞ୍ଜାମ ସ୍କାଉଟ୍ ଓ ଗାଇଡ୍ ଚାମ୍ପିୟନ


ବିଜେତା ଗଞ୍ଜାମ ସ୍କାଉଟ୍ ଓ ଗାଇଡ୍ ଟିମ୍ ସହ ଡିଇଓ।

ବ୍ରହ୍ମପୁର ଅଫିସ,୧୮।୧୨

**ହାସଲ କଲେ ସର୍ବାଧିକ ୧୬ ପୁରସ୍କାର**

ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ପକ୍ଷରୁ ଖୋର୍ଦ୍ଧା ନିକଟ ବରୁଣେଇରେ ଆୟୋଜିତ ନ୍ୟାସନାଲ ଇଣ୍ଟିଗ୍ରେଶନ କ୍ୟାମ୍ପରେ ଗଞ୍ଜାମ ଜିଲା ସଫଳତା ହାସଲ କରିଛି । ଏହି କ୍ୟାମ୍ପରେ ଭାଗ ନେଇଥିବା ରାଜ୍ୟର ବିଭିନ୍ନ ଜିଲାର ୧୮୦୦ ସ୍କାଉଟ୍‌ସ ଓ ଗାଇଡ୍‌ସ ମଧ୍ୟରେ ସର୍ବାଧିକ ପୁରସ୍କାର ହାସଲ କରି ଗଞ୍ଜାମ ଜିଲା ସ୍କାଉଟ୍‌ସ ଓ ଗାଇଡ୍‌ସ ଦଳ ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ଅବସରରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ(ଡିଇଓ)ଡ. ସନାତନ ପଣ୍ଡା ଡିଇଓ କାର୍ଯ୍ୟାଳୟରେ ଗଞ୍ଜାମ ଜିଲା ସ୍କାଉଟ୍‌ସ ଓ ଗାଇଡ୍‌ସ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପାଢୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ଗାଇଡ କମିଶନର ଶାନ୍ତିଲତା ମୁନି ମଧ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ନ୍ୟାଶନାଲ ଇଣ୍ଟିଗ୍ରେଶନ କ୍ୟାମ୍ପରେ ଗଞ୍ଜାମ ଜିଲାରୁ ୭୮ ସ୍କାଉଟ୍‌ସ ଓ ଗାଇଡ୍‌ସ, ସ୍କାଉଟ୍‌ସ ମାଷ୍ଟର ଭରତ ବିଷୋୟୀଙ୍କ ନେତୃତ୍ୱରେ ଯୋଗ ଦେଇଥିଲେ । ଜିଲା ଶିକ୍ଷାଧିକାରୀ ଡ. ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗଞ୍ଜାମର ବିଭିନ୍ନ ବିଦ୍ୟାଳୟରୁ ଯାଇଥିବା ସ୍କାଉଟ୍‌ସ ଓ ଗାଇଡ୍‌ସମାନେ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାଗୁଡିକରେ ସର୍ବାଧିକ ୧୬ ପୁରସ୍କାର, ମାନପତ୍ର, ସିଲ ହାସଲ କରି ଚାମ୍ପିୟନ ହୋଇଥିଲେ । କ୍ୟାମ୍ପର ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ମୁଖ୍ୟ କମିଶନର କାଳୀ ପ୍ରସାଦ ମିଶ୍ର ଯୋଗଦେଇ ଗଞ୍ଜାମ ଟିମ୍‌କୁ ଚାମ୍ପିୟନ ସିଲ ପ୍ରଦାନ କରିଥିଲେ । ଆସିଷ୍ଟାଣ୍ଟ ଜିଲା କମିଶନର ରାମହରି ସାହୁ, ପରାମର୍ଶଦାତା ରାମଚନ୍ଦ୍ର ବିଷୋୟୀ, ସଂଗଠନ କମିଶନର ଲକ୍ଷ୍ମୀନାରାୟଣ ପଣ୍ଡା ଓ ଟ୍ରେନିଂ କମିଶନର ବିକ୍ରମ ମହାରଣା, ସ୍କାଉଟମାଷ୍ଟର ଶୁଭେନ୍ଦୁ ମିଶ୍ର, କାଳୀଚରଣ ସ୍ୱାଇଁ, ହରପ୍ରସାଦ ବକ୍ସି, ପୀତବାସ ମହାପାତ୍ର ଓ ଗାଇଡ୍ କ୍ୟାପଟେନ ଅନୁପମା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କ୍ୟାମ୍ପରେ ଭାଗ ନେଇଥିବା ଜିଲା ଟିମ୍‌ରେ ଯୁଜି ହାଇସ୍କୁଲ, ଜଗମୋହନ ଓଡିଶା ଆଦର୍ଶ ବିଦ୍ୟାଳୟ ଶେରଗଡ, ଜଳେଶ୍ୱର ହାଇସ୍କୁଲ, ବଡଖରିଡା ଇଲୁଙ୍କେଶ୍ୱର ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାମହରିନଗରର ସ୍କାଉଟ ଓ ଗାଇଡ୍‌ସମାନେ ଯୋଗ ଦେଇଥିଲେ ।

**ରାସ୍ତାକାମରେ ଅନିୟମିତତାକୁ ବିରୋଧ**

### ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ

ପାରଳାଖେମୁଣ୍ଡି/ଗୋଷାଣୀ,୧୮।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)

ବିଭିନ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ ନ ହେବା ଏବଂ ଅନିୟମିତତା ବିରୋଧରେ ବୁଧବାର ଲୋକେ ଆନ୍ଦୋଳନକୁ ଓହ୍ଲାଇବା ସହ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ସୂଚନାଯୋଗ୍ୟ, ଗୁରାଣ୍ଡି-ତାଟିପେଟା-ମାଛମରା ରାସ୍ତା ଏବଂ ଗୁରାଣ୍ଡି-ଲିଙ୍ଗିପୁର-ଉପଲଡ଼ା ରାସ୍ତା ଘରୋଇ ସଂସ୍ଥା ଏଆର୍‌ଏସ୍‌ଏସ୍ ପକ୍ଷରୁ କରାଯାଉଛି। ଦୀର୍ଘ ଦିନ ହେଲା ରାସ୍ତା କାମ ଆରମ୍ଭ ହୋଇଥିଲେ ମଧ ତାହା ସରୁନାହିଁ। ସେହିପରି ଏହି ଦୁଇ ମୁଖ୍ୟ ରାସ୍ତାର କାମ ଠିକ୍ ଭାବେ ହୋଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାକାମ ଶେଷ କରିବାପାଇଁ ପ୍ରଶାସନ ନିକଟରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ଅଞ୍ଚଳବାସୀ ଠିକା ସଂସ୍ଥା ଏଆର୍‌ଏସ୍‌ଏସ୍ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଏହି ଦୁଇଟି ରାସ୍ତା ଉପରେ ଅନେକ ଗ୍ରାମବାସୀ ନିର୍ଭରଶୀଳ ହୋଇଥିବାବେଳେ ଅଧାପନ୍ତରିଆ କାମ ଯୋଗୁ ଅସୁବିଧା ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ମଧ ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଶ୍ରୀନିବାସ ରାଓ ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିବାପରେ ଅଞ୍ଚଳବାସୀ ରାସ୍ତାରୋକୋରୁ ହଟିଥିଲେ। ତେବେ ଗୁରୁବାରଠାରୁ ରାସ୍ତା କାର୍ଯ୍ୟ ଆରମ୍ଭ ନ ହେଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି।

## ଯୁବ ସମାଜ ପାଇଁ ଉଦାହରଣ ସୃଷ୍ଟି କଲେ ଆଶୁତୋଷ

# ଆର୍ଥିକ ଅନଗ୍ରସର ରୋଗୀଙ୍କୁ ବାଣ୍ଟିଲେ ପୋଷାକ

ବ୍ରହ୍ମପୁର ଅଫିସ,୧୮।୧୨

ଯୁବ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ଆଶୁତୋଷ କର । ନିଜ ପ୍ରଚେଷ୍ଟାରେ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଥିବା ଅସହାୟ ରୋଗୀଙ୍କୁ ପୋଷାକ ବଣ୍ଟନ କରିଛନ୍ତି । ଆଙ୍କୁଶପୁରସ୍ଥିତ କେଏଟିଏସ୍ ଆୟୁର୍ବେଦ ମହାବିଦ୍ୟାଳୟରେ ଥିବା ଚିକିତ୍ସାଳୟରେ ଦୀର୍ଘ ଦିନ ଧରି ବହୁ ରୋଗୀ ଚିକିତ୍ସିତ ହେଉଛନ୍ତି । କିନ୍ତୁ ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଶୀତଦିନେ ଶୀତବସ୍ତ୍ର କିଣିପାରୁ ନ ଥିଲେ । ଏଭଳି ସ୍ଥିତିରେ ଚିକିତ୍ସିତ ହେଉଥିବା ଆର୍ଥିକ ଅନଗ୍ରସର ରୋଗୀଙ୍କୁ ଆଶୁତୋଷ ନିଜସ୍ୱ ପ୍ରଚେଷ୍ଟାରେ ମାଗଣା ପୋଷାକ ତଥା ଶୀତବସ୍ତ୍ର କିଣି ବଣ୍ଟନ କରିଛନ୍ତି । ସେ ନିଜସ୍ୱ ଚେଷ୍ଟାରେ ବିଭିନ୍ନ ଅଞ୍ଚଳରୁ ନୂତନ ଓ ପୁରାତନ ପୋଷାକ ସଂଗ୍ରହ କରି ଚିକିତ୍ସାଳୟରେ ଥିବା ପ୍ରାୟ ୧୦ରୁ ୧୫ ଜଣ ରୋଗୀଙ୍କ ମଧ୍ୟରେ ବଣ୍ଟନ କରିଛନ୍ତି । ଆଗକୁ ମଧ ଏହି କାର୍ଯ୍ୟ ଜାରି ରହିବା ସହ ରୋଗୀଙ୍କୁ ଆବଶ୍ୟକତା ସମୟରେ ରକ୍ତ ଯୋଗାଇବା ଦିଗରେ ମଧ ସହାୟତାର ହାତ ବଢାଇବେ ବୋଲି ଆଶୁତୋଷ କହିଛନ୍ତି । ଏହି ବଣ୍ଟନ କାର୍ଯ୍ୟକ୍ରମ ସମୟରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ, ଶିଶୁ ରୋଗ ବିଶେଷଜ୍ଞ ଡା.ବିମଳ କୁମାର ପଣ୍ଡା, ଡା. ଅଂଶୁମାନ୍ ବିଶ୍ୱାଳ, ଡା. ବିପିନ କୁମାର ସାହୁ, ଛାତ୍ର ସଂସଦ ସଭାପତି ରାଜେଶ ସାହୁ, ଉପସଭାପତି ଶାଶ୍ୱତ ମୋଦିଆ ଓ ସମ୍ପାଦକ ସତ୍ୟ ପାଲ ପ୍ରମୁଖ ଉପସ୍ଥିତ ଥିଲେ ।


ପୋଷାକ ବଣ୍ଟନ ବେଳେ ଉପସ୍ଥିତ ଆୟୁର୍ବେଦ କଲେଜର ଅଧକ୍ଷ, ଆଶୁତୋଷ ଓ ଅନ୍ୟମାନେ ।

## ସଫେଇ କାମକୁ ନେଇ ସଂଘର୍ଷ ମାମଲା

# ବିଜେଡି ନେତା ଥାନାରେ ହାଜର

ବ୍ରହ୍ମପୁର ଅଫିସ,୧୮।୧୨

ବଡବଜାର ଥାନା ପ୍ରେମନଗର ହାଉସିଂ ବୋର୍ଡ଼ ଛକରେ ନଭେମ୍ବର ୩୦ରେ ସଫେଇ କାମକୁ ନେଇ ବ୍ରହ୍ମପୁର ମହାନଗର ନିଗମର ୨ ସଫେଇ ଜମାଦାର ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ବଡବଜାର ପୋଲିସ ଏଥିପାଇଁ ୨ ମାମଲା ରୁଜୁ କରିଥିଲା। ଏଥିରେ ବିଜେଡି ନେତା କେ.ଅନିଲ କୁମାରଙ୍କ ନିର୍ଦ୍ଦେଶରେ ଜମାଦାର ଏସ୍.ଜଗନ୍ନାଥ ରାଓଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା ବୋଲି ତାଙ୍କ ବାପା ଏସ୍.ରାମବାବୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣା ପରେ ବଡବଜାର ପୋଲିସ ଅନିଲଙ୍କୁ ଥାନାରେ ହାଜର ହେବାକୁ ନୋଟିସ ଜାରି କରିଥିଲା। ଘଟଣାର ୧୮ ଦିନ ପରେ ଅର୍ଥାତ୍ ବୁଧବାର କେ.ଅନିଲ କୁମାର ଥାନାରେ ହାଜର ହୋଇଥିଲେ। ପୋଲିସ ନିକଟରେ ଅନିଲ ଘଟଣା ଦିନ ଭୁବନେଶ୍ୱରରେ ଥିବା ନେଇ ବୟାନ ଦେଇଥିଲେ। ମୋ ନାମରେ ମିଥ୍ୟା ଅଭିଯୋଗ କରାଯାଇଛି ବୋଲି ସେ ବଡବଜାର ଥାନାଧିକାରୀଙ୍କୁ କହିଛନ୍ତି। ମୁଁ ଜଗା ରାଓଙ୍କୁ ଜାଣିନାହିଁ। ଆମ ଦଳର କେତେକ ନେତା ମୋତେ ବଦନାମ କରିବାକୁ ଅପଚେଷ୍ଟା ଚଳାଇଛନ୍ତି ବୋଲି ସେ ଥାନାଧିକାରୀଙ୍କୁ କହିଥିବା ନେଇ ସୂଚନା ଦେଇଛନ୍ତି। ପୋଲିସ ଅନିଲଙ୍କ ବୟାନ ରେକର୍ଡ କରିଛି। ପୂର୍ବରୁ ବିଜେଡି ନେତା ଅନିଲଙ୍କ ଗିରଫ ଦାବି ନେଇ ବହୁ ମହିଳା ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଥିଲେ। ଏହି ଘଟଣାରେ ଉଭୟ ଗୋଷ୍ଠୀର ୫ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ୩ ନାବାଳକଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ଼କୁ ପଠାଇଛି।


ଅନିଲଙ୍କୁ ଜେରା କରୁଛି ପୋଲିସ।

# ବ୍ୟାଙ୍କ ଋଣ ପରିଶୋଧ ନ କରି ଧାରଣା

## ୨ ଦିନ ମଧ୍ୟରେ ଋଣ ଶୁଝିବାକୁ ଚୁକ୍ତି କଲେ ଅର୍ଜୁନ

ବ୍ରହ୍ମପୁର ଅଫିସ,୧୮।୧୨

ଦୁଇଦିନ ତଳେ ବେଗୁନିଆପଡା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଶାଖା ସମ୍ମୁଖରେ ଋଣ ପରିଶୋଧ ନ କରି ଓଲଟା ଧାରଣା ଦେଇ ଥିବା ଅର୍ଜୁନ ପ୍ରଧାନ ଋଣ ଶୁଝିବା ପାଇଁ ଚୁକ୍ତି କରିଛନ୍ତି। ମଙ୍ଗଳବାର ଅର୍ଜୁନ ବ୍ୟାଙ୍କରୁ ନେଇଥିବା ଋଣ ସୁଧ ସହ ଦେବାକୁ ଚୁକ୍ତି କରିଛନ୍ତି । ଏନେଇ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ରୋଡ ସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ବେଗୁନିଆପଡା ଶାଖା ଆଗରେ ଗତ ସୋମବାରରୁ ଦୁଇଦିନ ଧରି ଧାରଣା ଦେଇଥିବା ଅର୍ଜୁନ ଓ ତାଙ୍କ ସ୍ତ୍ରୀ ବ୍ୟାଙ୍କ ଉପରେ ଆଣିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି ବ୍ୟାଙ୍କ ପକ୍ଷରୁ ସୂଚାଯାଇଛି । କର୍ତ୍ତୃପକ୍ଷଙ୍କ ସୂଚନା ପ୍ରକାରେ, ବେଗୁନିଆପଡାର ଅର୍ଜୁନ ୨୦୦୭ରେ ଗୃହ ନିର୍ମାଣ ଓ ବ୍ୟବସାୟ ଲାଗି ନିଜ ଘର ବନ୍ଧକ ରଖି ୧୨ ଲକ୍ଷ ୩୦ ହଜାର ଟଙ୍କା ଋଣ ନେଇଥିଲେ । କିନ୍ତୁ କିଛି ଟଙ୍କା ଦେବା ପରେ ବଳକା ଟଙ୍କା ଫେରାଇ ନ ଥିଲେ । ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆଇନର ଆଶ୍ରୟ ନେଇ ଜିଲାପାଳଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨୦୧୮ ଜୁଲାଇ ୨୫ରେ ବନ୍ଧକ ଘରକୁ ନିଜ ଦଖଲକୁ ନେଇଥିଲେ । କିନ୍ତୁ ୨୦୧୮ ସେପ୍ଟେମ୍ବର ୩୦ରେ ଅର୍ଜୁନ ପରିବାର ସହ ଜୋର ଜବରଦସ୍ତ ତାଲା ଭାଙ୍ଗି ପଶିଥିଲେ । ଏଥିସହ ଘର ପାଇବା ପାଇଁ ସୁପ୍ରିମକୋର୍ଟଙ୍କ ଆଶ୍ରୟ ନେଇଥିଲେ। ସୁପ୍ରିମକୋର୍ଟ ବିଚାର କରି ତାଙ୍କୁ ଋଣ ପରିଶୋଧ କରିବାକୁ ୮ ସପ୍ତାହ ସମୟ ଦେଇଥିଲେ। ତଥାପି ଏହା ନ କରି ଘର ଜବର ଦଖଲ କରିଥିଲେ । ଏହାପରେ ବ୍ୟାଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଗତ ସୋମବାର ସେ ବ୍ୟାଙ୍କ ଋଣ ପରିଶୋଧ କରିବା ପରିବର୍ତ୍ତେ ଓଲଟା ବ୍ୟାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରି ଧାରଣା ଦେଇଥିଲେ। ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଅର୍ଜୁନ ଦୁଇଦିନ ମଧ୍ୟରେ ବ୍ୟାଙ୍କର ନିୟମ ପ୍ରକାରେ ସମୁଦାୟ ୧୮ ଲକ୍ଷ ଟଙ୍କା ଦେବାକୁ ଚୁକ୍ତିନାମା କରିଥିବା ବ୍ୟାଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚାଯାଇଛି । ତେବେ ଯଦି ଚୁକ୍ତିରେ ସେ ଖିଲାପ କରେ ତେବେ ଆଇନ ଅନୁଯାୟୀ ବ୍ୟାଙ୍କ କୋଠାର ପଦକ୍ଷେପ ନେବ ବୋଲି ମଧ ସିନିୟର ରିଜିଓନାଲ ମ୍ୟାନେଜର ଚନ୍ଦ୍ରମଣି ଜାଲି କହିଥିଲେ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଚିଫ ମ୍ୟାନେଜର ନନ୍ଦକିଶୋର ସିଂ, ଜନସମ୍ପର୍କ ଅଧିକାରୀ ମୀନକେତନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ବ୍ୟାଙ୍କ କର୍ତ୍ତୃପକ୍ଷ ।

## ସଂକ୍ଷେପରେ

### ନବ ବିବାହିତାଙ୍କ ଆତ୍ମହତ୍ୟା

#### ହତ୍ୟା ଅଭିଯୋଗ କଲେ ବାପା, ସ୍ୱାମୀ, ଦିଅର ଅଟକ

**ପୁରୁଷୋତ୍ତମପୁର,୧୮।୧୨(ଡି.ଏନ.ଏ.):** ପୁରୁଷୋତ୍ତମପୁର ସହର କନକାଠାରେ ବୁଧବାର ଜଣେ ନବ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅର୍ଚ୍ଚନା ପ୍ରଧାନ (୨୫)। ପୁରୁଷୋତ୍ତମପୁର ପୋଲିସ ନଂ. ୩୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏସ୍‌ଆଇ ଚମ୍ପାବତି ମାରାଣ୍ଡି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଅପରପକ୍ଷରେ ଝିଅକୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ପରିବାର ସ୍ୱାମୀ, ଶାଶୁ ଓ ଦିଅରଙ୍କ ନାଁରେ ପୋଲିସରେ ଅଭିଯୋଗ କରିଛନ୍ତି। ଏତଲା କ୍ରମେ ପୋଲିସ ମୃତକଙ୍କ ସ୍ୱାମୀ ଓ ଦିଅରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ମୃତକଙ୍କ ସ୍ୱାମୀ କହିଛନ୍ତି ସେ ଦିଲ୍ଲୀରେ ରହୁଥିଲେ। ଗତ ୪ ଦିନ ହେଲା ଗ୍ରାମକୁ ଆସିଛନ୍ତି। ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଫୋନରେ କଥା ହେଉଥିବାରୁ ସକାଳେ ସେ ତାଗିଦ୍ କରିଥିଲେ। ପରେ ସେ ବଜାରକୁ ଚାଲିଆସିଥିବା ବେଳେ ତାଙ୍କର ମା' ମଧ ବିଲକୁ ଯାଇଥିଲେ। ଭାଇ ଘରେ ନ ଥିଲେ। ଏହାର ସୁଯୋଗ ନେଇ ଅର୍ଚ୍ଚନା ପିନ୍ଧିଥିବା ଶାଢ଼ି ଫ୍ୟାନ୍‌ରେ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ ଏସ୍‌ଆଇ କହିଛନ୍ତି ତଦନ୍ତ ଚାଲିଛି ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

### ନିୟମ, ଦଣ୍ଡବିଧାନ ବିଷୟରେ ସଚେତନତା ଜରୁରୀ

**ପାରଳାଖେମୁଣ୍ଡି, ୧୮।୧୨(ସ୍ୱ.ପ୍ର.) :** ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ କଟକସ୍ଥିତ ସଂଯୋଗ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ବୁଧବାର ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଅଧିନିୟମ ୨୦୧୨କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ଶାହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ପ୍ରତି ହେଉଥିବା ନିର୍ଯାତନା ବିରୋଧରେ ରହିଥିବା ସରକାରୀ ନିୟମ ଏବଂ ଦଣ୍ଡବିଧାନ ବିଷୟରେ ସମସ୍ତେ ସଚେତନ ହେବା ଜରୁରି ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଏହି ତାଲିମ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ବିଭିନ୍ନ ହଷ୍ଟେଲ୍‌ର ପ୍ରତିନିଧିମାନେ ଯୋଗଦେଇ ପୋକ୍ସୋ ଆକ୍ଟ ବିଷୟରେ ବୁଝିଥିଲେ। କାର୍ଯ୍ୟକ୍ରମରେ ସିଡବ୍ଲୁସିର ଅଧକ୍ଷ ପ୍ରମୋଦ କୁମାର ରାଉଳ ଯୋଗଦେଇ ସଚେତନତା ଅଭାବ ଯୋଗୁ ଅନେକ ସମୟରେ ଅଭିଯୁକ୍ତମାନେ ଉପଯୁକ୍ତ ଦଣ୍ଡ ପାଉନାହାନ୍ତି ଏବଂ ଶିଶୁଙ୍କ ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି କହିବା ସହ ଏଭଳି କାର୍ଯ୍ୟକ୍ରମ ସଚେତନତା ଦିଗରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିଶୁ ଅଧିକାର କର୍ମୀ ବେଣୁଧର ସେନାପତି ଯୋଗଦେଇ ପୋକ୍ସୋ ଆକ୍ଟ ଏବଂ ଶିଶୁ ନିର୍ଯ୍ୟାତନା ଅଧିନିୟମ ୨୦୧୨ ଉପରେ ତାଲିମ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପନ୍ବିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହେରା, ଡିଇଓ ପ୍ରଦୀପ କୁମାର ନାଗ, ସଂଯୋଗ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ, ଚାଇଲ୍ଡଲାଇନ୍ ସଂଯୋଜକ ନାଗେଶ୍ୱର ଚୌଧୁରୀ ଉପସ୍ଥିତ ଥିଲେ।

### 'ମୋ ସରକାର' ପାଇଁ ଖୋଲିଲା ସ୍ୱତନ୍ତ୍ର କାଉଣ୍ଟର

**ପାରଳାଖେମୁଣ୍ଡି, ୧୮।୧୨(ସ୍ୱ.ପ୍ର.) :** ମୋ ସରକାର କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର କେନ୍ଦ୍ର ବୁଧବାର ସ୍ଥାନୀୟ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଅନୁପମ ଶାହା ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ୨୦୨୦ ଜାନୁୟାରୀ ୧ରୁ ଏହି ବ୍ୟବସ୍ଥାରେ ୫ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୌରସଂସ୍ଥା ଅଧୀନସ୍ଥ ୫ସେବା ଯଥା ଘର ଟିକସ, ଦୋକାନ ଟିକସ, ଟ୍ରେଡ୍ ଲାଇସେନ୍ସ, ଘର ଓ ଯାଗାର ନକ୍ସା ଅନୁମୋଦନ, ପାନୀୟ ଜଳ ଯୋଗାଣ ଆଦି କାର୍ଯ୍ୟ ଏହି କେନ୍ଦ୍ରରେ ସୂଚାରୁ ରୂପେ ହୋଇପାରିବ। ଏଥିରେ ରହିଥିବା ଯେକୌଣସି ଅଭିଯୋଗ ଜନସାଧାରଣ ଏହି ସ୍ୱତନ୍ତ୍ର କେନ୍ଦ୍ରରେ କରିପାରିବେ ବୋଲି ଜଣାପଡ଼ିଛି।

## ବିଏମ୍‌ସିର ଅଗ୍ରତା ସିଏଲ୍‌ଏଫ୍ ରାଜ୍ୟସ୍ତରରେ ସମ୍ମାନିତ

**ବ୍ରହ୍ମପୁର ଅଫିସ,୧୮।୧୨**

ବ୍ରହ୍ମପୁର ମହାନଗର ନିଗମ ପୁଣି ଥରେ ରାଜ୍ୟସ୍ତରରେ ସମ୍ମାନିତ ହୋଇଛି । ମହିଳାଙ୍କ ଜୀବିକା ନିର୍ବାହ ପାଇଁ ସୁଯୋଗ ସୃଷ୍ଟି କରିବା ସହ ବ୍ରହ୍ମପୁରର ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଥିବା ବିଏମ୍‌ସି ଅଧୀନ ଗଠିତ ଅଗ୍ରତା ସିଟି ଲେଭଲ ଫେଡେରେଶନ(ସିଏଲଏଫ)କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ବୁଧବାର ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଗ୍ରତା ସିଏଲଏଫକୁ ସମ୍ମାନିତ କରିଛନ୍ତି। କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବସ୍ତି ଉନ୍ନୟନ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଅଗ୍ରତା ସିଏଲଏଫ ସଭାପତି ଗୀତା ବେହେରା,ସମ୍ପାଦକ ଅନୀତା ମହାନ୍ତି ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ୭୭୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି)କୁ ନେଇ ୨୦୧୮ ସେପ୍ଟେମ୍ବରରେ ଗଠିତ ହୋଇଥିବା ଅଗ୍ରତା ସିଏଲଏଫ ୭୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଇଁ ନିଯୁକ୍ତି ତଥା ରୋଜଗାରର ସୁଯୋଗ ସୃଷ୍ଟି କରିବା ସହ ବ୍ରହ୍ମପୁରକୁ ଓଡିଏଫ ଓ ଓଡିଏଫ++ ଘୋଷଣା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏକ ବର୍ଷ ମଧ୍ୟରେ ବିଏମ୍‌ସି ଦ୍ୱାରା ନିର୍ମିତ ଶୌଚାଳୟ ପରିଚାଳନା ସହ ବାହ୍ୟ ମଳତ୍ୟାଗ ରୋକିବା ଦିଗରେ ସହରବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛନ୍ତି । ଏଥିସହ ମହୁଡାଠାରେ ନିର୍ମିତ ସେପ୍ଟେଜ ବିଶୋଧନାଗାର ପରିଚାଳନାରେ ମଧ ନିଜକୁ ନିୟୋଜିତ କରି ଭାରତ ବର୍ଷର ସମସ୍ତ ସହରାଞ୍ଚଳ ଓ ଏସ୍‌ଏଚଜି ମହିଳାଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି ।



ମୁଖ୍ୟମନ୍ତ୍ରୀଙ୍କଠାରୁ ବିଏମ୍‌ସି କମିଶନର, ଏସଆଇଓ ଓ ଅଗ୍ରତା ସିଏଲଏଫର ସଦସ୍ୟମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

### ୨୪ରୁ ଗୋପାଳପୁର ବେଳାଭୂମି ମହୋତ୍ସବ

## ସୁରକ୍ଷା, ପାର୍କିଂ ବ୍ୟବସ୍ଥା ତଦାରଖ

**ଗୋପାଳପୁର,୧୮।୧୨**

ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ ଜାତୀୟ ଓ ରାଜ୍ୟସ୍ତରର ବହୁ କଳାକାର ଯୋଗଦାନ କରିବା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମହୋତ୍ସବ ଉଦ୍‌ଘାଟନୀରେ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଓ ମହୋତ୍ସବରେ ଟ୍ରାଫିକ ସମସ୍ୟା ନେଇ ବୁଧବାର ମଧ୍ୟାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଇଛି। ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଗୋପାଳପୁର ବିଧାୟକ ତଥା ମହୋତ୍ସବ କମିଟି ଅଧକ୍ଷ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ଡିଏସ୍‌ପି ଜୟକୃଷ୍ଣ ପଟ୍ଟନାୟକ, ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ପ୍ରମୁଖ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ ସ୍ଥାନ ପରିଦର୍ଶନ କରିଥିଲେ। ମହୋତ୍ସବରେ ଲୋକଙ୍କ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା, ପାର୍କିଂ ବ୍ୟବସ୍ଥା ଆଦି ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିଥିଲେ । ୨୪ ତାରିଖ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି।



ମହୋତ୍ସବ ସ୍ଥଳରେ ଡିଆଇଜି, ବିଧାୟକ ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ଆଲୋଚନା।

## ଦ୍ୱାଦଶ ଆନ୍ତଃମହାବିଦ୍ୟାଳୟ ମହିଳା କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ମହିଳା କବାଡ଼ି ପ୍ରତିଯୋଗିତା।

**ବୁଗୁଡ଼ା,୧୮।୧୨(ଡି.ଏନ.ଏ.)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ପିପୁଲସ୍ କଲେଜ ସହଯୋଗରେ ବୁଧବାର କଲେଜ ପରିସରରେ ଦ୍ୱାଦଶ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧକ୍ଷ ରଜନୀକାନ୍ତ ଦାଶ ପତାକା ଉତ୍ତୋଳନ କରି ପ୍ରତିଯୋଗିତା ଶୁଭାରମ୍ଭ କରିଥିବା ବେଳେ ଅଧ୍ୟାପକ ହରିକୃଷ୍ଣ ନାୟକ କବାଡ଼ି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସିଟି କଲେଜ ବ୍ରହ୍ମପୁର ଓ କେନ୍ଦୁପଦର ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ସିଟି କଲେଜ ଟିମ ୨୮ ଏବଂ କେନ୍ଦୁପଦର ଟିମ ୨୫ ପଏଣ୍ଟ ହାସଲ କରିଥିଲେ। ସେହିପରି ଆସିକା ଓ ପାଟପୁର କଲେଜ ମଧ୍ୟରେ ହୋଇଥିବା ମ୍ୟାଚରେ ଆସିକା ୪୭ ଓ ପାଟପୁର ଟିମ ୨୬ ପଏଣ୍ଟ ହାସଲ କରିଥିଲେ। ସେହିପରି ତୃତୀୟ ମ୍ୟାଚରେ ବାଲିପଦର ୨୩ ଓ ବୁଗୁଡ଼ା କଲେଜ ଟିମ ୫୪, ଚତୁର୍ଥ ମ୍ୟାଚରେ ପିଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୪୫ ଓ ସାମନ୍ତିଆପଲ୍ଲୀ ୩୬, ପଞ୍ଚମ ମ୍ୟାଚରେ ରାଇକିଆ ଟିମ ୫୬ ଓ ସିଟି କଲେଜ ୧୮, ଷଷ୍ଠ ମ୍ୟାଚରେ ଆସିକା ଟିମ ୩୬ ଓ ସୋରଡ଼ା ୫୨, ସପ୍ତମ ମ୍ୟାଚରେ ବୁଗୁଡ଼ା ଟିମ ୫୪ ଏବଂ ଖଲ୍ଲିକୋଟ ଟିମ ୪୩ ପଏଣ୍ଟ ପାଇଥିବା ବେଳେ ଅଷ୍ଟମ ମ୍ୟାଚରେ ଜି.ଉଦୟଗିରି ୪୭ ଓ ପିଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୨୩ ପଏଣ୍ଟ ପାଇଥିଲେ। ଏଥିମଧ୍ୟରୁ ବୁଗୁଡ଼ା, ରାଇକିଆ, ସୋରଡ଼ା ଓ ଜି.ଉଦୟଗିରି ଟିମ ସେମିଫାଇନାଲକୁ ଉନ୍ନିତ ହୋଇଛନ୍ତି। ମ୍ୟାଚଗୁଡ଼ିକୁ ପ୍ରଦୀପ ନାୟକ, ବି. ଗୋପାଳ ଚନ୍ଦ୍ର ପାତ୍ର, ଭଞ୍ଜ କିଶୋର ଗୌଡ଼, ସୁବାସ ଗୌଡ଼, ସୌଭାଗିନୀ ଜେନା, ଆକାଶ ପ୍ରଧାନ, ଏମ. ଶ୍ରୀନିବାସ ଦୋରା, ରବୀନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଆଇଆର୍‌ପିଏମ୍ ବିଭାଗର ପାଠଚକ୍ର

**ବୁଗୁଡ଼ା,୧୮।୧୨(ଡି.ଏନ.ଏ.)**

ବୁଗୁଡ଼ା ପିପୁଲ୍ସ କଲେଜ ଆଇଆର୍‌ପିଏମ୍ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧକ୍ଷ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଭଞ୍ଜନ ମୁନିଙ୍କ ତତ୍ତ୍ୱାବଧାନରେ ପ୍ରେରଣା ଓ ନୈତିକ ବଳର ସାମର୍ଥ୍ୟ ଶୀର୍ଷକ ସନ୍ଦର୍ଭ ନେଇ ପାଠଚକ୍ରରେ ଯୁକ୍ତ ତିନି ବର୍ଷର ପିଙ୍କି ଦଳାଇ, ଅନୁରାଧା ମହାପାତ୍ର, ଚନ୍ଦନ ସେଠୀ ଓ ପିଣ୍ଟୁ ବିଷୋୟୀ ମିଳିତ ଭାବେ ବିଭାଜିତ ପ୍ରକ୍ରିୟାରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପାଠଚକ୍ର ସମ୍ପାଦକ ଶିବ ପ୍ରସାଦ ବେହେରା ବିବରଣୀ ପାଠ କରିଥିଲେ । ଏଥିରେ ମାଣିତରା ବିଜ୍ଞାନ ମହାବିଦ୍ୟାଳୟର ଆଇଆରପିଏମ ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ଗୌଡ଼ ସମ୍ବଳ ବ୍ୟକ୍ତିତ୍ୱ ରୂପେ ଯୋଗଦେଇ ସନ୍ଦର୍ଭର ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ପାଠଚକ୍ରରେ ଅକ୍ଷୟ କୁମାର ସାହୁ, ରବୀନ୍ଦ୍ର ନାଥ ପଲାଇ, ଅଜୟ କୁମାର ସାହୁ, ଭି. ଏସ୍ ରାଜୁ, ଅନୀତା ଦେବୀ, କିଶୋର ପାତ୍ର, ଆତ୍ମ ପ୍ରକାଶ ନାୟକ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସର୍ବଭାରତୀୟ କ୍ରୀଡ଼ାରେ କ.ନୂଆଗାଁ ଛାତ୍ରୀଛାତ୍ରଙ୍କୁ ୪ ପଦକ




ଶିକ୍ଷକଙ୍କ ସହ କୃତୀ ଛାତ୍ରୀଛାତ୍ର ।

**କ.ନୂଆଗାଁ,୧୮।୧୨ (ଡି.ଏନ୍.ଏ.)**

ଭୋପାଳଠାରେ ଅନୁଷ୍ଠିତ ଦ୍ୱିତୀୟ ସର୍ବଭାରତୀୟ ଇଏମ୍‌ଆର୍‌ଏସ୍ କ୍ରୀଡା ପ୍ରତିଯୋଗିତାରେ କ.ନୂଆଗାଁ ମହାସିଙ୍ଗି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ୧୯ ବର୍ଷରୁ କମ୍ ୪ଶହ ମିଟର ଦୌଡରେ ଉର୍ମିଳା ମୁଠାମାଝୀ ରୌପ୍ୟ ପଦକ, ଫୁଟବଲରେ ପରମେଶ୍ୱର କହଁର ଓ ତ୍ରିଲୋଚନ କହଁରଙ୍କୁ ବ୍ରୋଞ୍ଜ ପଦକ, କବାଡ଼ିରେ ବିରାଟ ଜାନୀ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିରେ ଓଡ଼ିଶା ସର୍ବମୋଟ ୩୮ଟି ପଦକ ପାଇ ସର୍ବଭାରତୀୟସ୍ତରରେ ୬ଷ୍ଠ ସ୍ଥାନରେ ରହିଥିବା ବିଦ୍ୟାଳୟର ଅଧକ୍ଷ ବି. ସାଇରାମ ପାତ୍ର କହିଛନ୍ତି। କୃତୀ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## ଧାନଗଦା ଜାଳିଦେଲେ ଦୁର୍ବୃତ୍ତ

**ଧରାକୋଟ,୧୮।୧୨(ଡି.ଏନ.ଏ.)**

ଧରାକୋଟ ବାହାରପୁର ପଞ୍ଚାୟତର ଖାରିପଲ୍ଲୀ ଗ୍ରାମରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ୮ ଏକର ଜମିର ଧାନଗଦାକୁ ଜାଳିଦେଇଛନ୍ତି। ନିଆଁ ଲାଗିବା ଫଳରେ ଧାନ ଫସଲ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। ଖବର ପାଇ ଧରାକୋଟ ଅଗ୍ନିଶମ ବିଭାଗ ଓ ଶେରଗଡ଼ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତମାନେ ହେଲେ ଜମିର ମାଲିକ ତଥା ଚାଷୀ ଗଦାଧର ବେହେରା, କୃଷ୍ଣଚନ୍ଦ୍ର ବେହେରା, ଗୋପାଳକୃଷ୍ଣ ସ୍ୱାଇଁ, ମୁରଲୀଧର ସ୍ୱାଇଁ, ଉର୍ମିଳା ସ୍ୱାଇଁ ଓ ମହେନ୍ଦ୍ର ସ୍ୱାଇଁ। ସମସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ କ୍ଷତିଗ୍ରସ୍ତ ହିତାଧିକାରୀ ଦାବି କରିଛନ୍ତି ।

## ବର୍ଜ୍ୟବସ୍ତୁ ଟାଙ୍କି ନିର୍ମାଣକୁ ଅଞ୍ଚଳବାସୀଙ୍କ ବିରୋଧ

**ଗଞ୍ଜାମ,୧୮।୧୨(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ପୁରୁଣାବନ୍ଦ, ପାଲିବନ୍ଧ ନିକଟ ରଷିକୁଲ୍ୟା ମୁହାଣ ଅଞ୍ଚଳ ଲବ୍ୟ ପାହାଡ଼ଠାରେ ଏନ୍‌ଏସି ପକ୍ଷରୁ ନିର୍ମାଣ ହୋଇଥିବା ବର୍ଜ୍ୟବସ୍ତୁ ଟାଙ୍କିକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏ ନେଇ ଦୁଇ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଭାବେ ଗଞ୍ଜାମ ଜିଲାପାଳ, ଉପଜିଲାପାଳ, ବିଡିଓ, ତହସିଲଦାର, ଡିଏଫଓ ବ୍ରହ୍ମପୁର, ଏଡିଏଫ ସାମୁଦ୍ରିକ ମତ୍ସ୍ୟ ବିଭାଗ, ବ୍ରହ୍ମପୁର ଏମ୍‌ପି, ବିଧାୟକ ଛତ୍ରପୁର, ସରପଞ୍ଚ ପାଲିବନ୍ଧ, ଗଞ୍ଜାମ ଥାନା ପ୍ରମୁଖଙ୍କୁ ଜଣାଇବା ସହ ଏହି ନିର୍ମାଣ କାର୍ଯ୍ୟ ଅନ୍ୟତ୍ର କରିବା ପାଇଁ ଗ୍ରାମବାସୀ କହିଛନ୍ତି। ଗଞ୍ଜାମ ଏନ୍‌ଏସି ପକ୍ଷରୁ ଲବ୍ୟ ପାହାଡ଼ ନିକଟରେ ବର୍ଜ୍ୟବସ୍ତୁ ପକାଇବା ପାଇଁ ବର୍ଜ୍ୟବସ୍ତୁ ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯାହାକି ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରତି ଅଧିକ ସମସ୍ୟା ସୃଷ୍ଟି କରିବ। ଏହି ପୁରୁଣାବନ୍ଧ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଅଛନ୍ତି। ସେମାନେ ମାଛ ମାରି ନିଜର ଜୀବିକା ନିର୍ବାହ କରିଥାନ୍ତି। ଅନ୍ୟପଟେ ଅଷ୍ଟ୍ରେଲିଆରୁ ଆସୁଥିବା ବିରଳ ଅଲିଭ ରିଡଲେ ସାମୁଦ୍ରିକ କଇଁଛମାନେ ରଷିକୁଲ୍ୟା ବେଳାଭୂମି ଆସିଥାନ୍ତି। ଗଣ ଅଣ୍ଡାଦାନ ପ୍ରକ୍ରିୟା ମଧ ହୋଇଥାଏ। କିନ୍ତୁ ସେହି ଅଞ୍ଚଳରେ ବର୍ଜ୍ୟବସ୍ତୁ ଟାଙ୍କି ନିର୍ମାଣ ହେଲେ ମତ୍ସ୍ୟଜୀବୀମାନେ ଜୀବିକା ହରାଇବା ସହ କଇଁଛମାନଙ୍କ ଗଣ ଅଣ୍ଡାଦାନ ସମୟରେ ବ୍ୟାଘାତ ସୃଷ୍ଟି ହେବ ବୋଲି ପରିବେଶବିତ ଓ ଗ୍ରାମବାସୀ ଜଣାଇଛନ୍ତି।

### ସହରର ଉନ୍ନତି ପାଇଁ ଅଞ୍ଚଳବାସୀଙ୍କ ସହ ଆଲୋଚନା

## ନିର୍ମାଣ ହେବ କଲ୍ୟାଣ ମଣ୍ଡପ, ଭେଣ୍ଡିଂଜୋନ୍

**ଗଞ୍ଜାମ,୧୮।୧୨(ଡି.ଏନ.ଏ.)**

ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବୁଧବାର ଏନ୍‌ଏସି ଗସ୍ତରେ ଆସି ଗଞ୍ଜାମ ସହରର ବିଭିନ୍ନ ୱାର୍ଡର ଉନ୍ନତି ପାଇଁ ପ୍ରୟାସ ଜାରି ରହିଥିବା ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ସହରରେ ମାର୍କେଟ କମ୍ପ୍ଲେକ୍ସ ଏବଂ ଭେଣ୍ଡିଂଜୋନ ନିର୍ମାଣ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ପୋଖରୀ ପୁନରୁଦ୍ଧାର, ଶ୍ମଶାନ ଏବଂ ସବରେଜିଷ୍ଟ୍ରାର ଅଫିସ ସ୍ଥାନାନ୍ତର ଉପରେ ଆଲୋଚନା ହୋଇଥିଲା । କଲ୍ୟାଣ ମଣ୍ଡପ, ଶୌଚାଳୟ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇ ଟେଣ୍ଡର କାର୍ଯ୍ୟ ସରିଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ନେଇ ବିଧାୟକ ବିରକ୍ତ ପ୍ରକାଶ କରିବା ସହ ଶୀଘ୍ର ଆରମ୍ଭ କରିବାକୁ ଏନ୍‌ଏସି ଇଓ ପ୍ରଭୁ କଲ୍ୟାଣ ଦାସଙ୍କୁ ପରାମର୍ଶ ଦେଇଥିଲେ। ସହରର ଆବର୍ଜନା ପକାଇବା ପାଇଁ ରଷିକୁଲ୍ୟାସ୍ଥିତ ଜେଟି ଘର ପାଖରେ ଡମ୍ପିୟାଡ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ଆଲୋଚନା ବେଳେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁ କଲ୍ୟାଣ ଦାସ, ତହସିଲଦାର ଅବନୀ କୁମାର ସାହୁ, ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ସୁଦାମ ଚରଣ ପଲାଇ, ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରିଡ଼ା, ସୁଦାମ ଜେନା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଭଗବାନ ପ୍ରଧାନ, ମନୋଜ ପ୍ରଧାନ, ବୁଦ୍ଧୁ ସାହୁ, ଡି.କେ ରାଓ, ମଦନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।




ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୧୮।୧୨**

କୌଣସି ଟେକ୍ନୋଲୋଜି ନିରର୍ଥକ ନୁହେଁ । ପ୍ରତ୍ୟେକ ଟେକ୍ନୋଲୋଜିକୁ ଯଦି ଠିକ୍ ଦିଗରେ ବିନିଯୋଗ କରାଯାଇପାରେ ତେବେ ତାହା ପୃଥିବୀ ପ୍ରକୃତିର ସୁରକ୍ଷା କରିବାରେ ମଧ ସଫଳ ହୋଇପାରିବ ବୋଲି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇ ଜେରୋଜିଆ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ମୁଖ୍ୟ ପ୍ରଫେସର ଦୀପକ ମିଶ୍ର କହିଛନ୍ତି । ସେ ଆହୁରି କହିଥିଲେ, ବର୍ତ୍ତମାନର ଆଧୁନିକ ଯୁଗରେ ସୋସିଆଲ ମିଡିଆର ବହୁଳ ପ୍ରଚାର ରହିଛି। ଏହି ମିଡିଆ ସାହାଯ୍ୟରେ ପ୍ରଚାରିତ ତଥା ସୂଚିତ ହେଉଥିବା ପୃଥିବୀ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସ୍ଥଳ ତଥା ପର୍ଯ୍ୟଟନ କ୍ଷେତ୍ରରେ ବିପର୍ଯ୍ୟସ୍ତ ଅବସ୍ଥା ସମ୍ପର୍କିତ ତଥ୍ୟକୁ ବର୍ତ୍ତମାନର ଅତ୍ୟାଧୁନିକ ଜ୍ଞାନ କୌଶଳ ଦ୍ୱାରା ତାହାର ସତ୍ୟାସତ୍ୟ ଯାଞ୍ଚ କରି ତାହାକୁ ରକ୍ଷା କରାଯାଇ ପାରିବ । ଏଥିପାଇଁ ଏକ ସ୍ୱତନ୍ତ୍ର ସେନ୍ସର ରହିଛି । ଯାହାର ବ୍ୟବହାର ଦ୍ୱାରା ଯେ କୌଣସି ଲୋକ ସୋସିଆଲ ମିଡିଆରେ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଯେ କୌଣସି ସ୍ଥଳର ବିପର୍ଯ୍ୟସ୍ତ ଅବସ୍ଥା ସମ୍ପର୍କିତ ତଥ୍ୟ ଯାଞ୍ଚ କରିହେବ ବୋଲି ସେ ସୂଚାଇଥିଲେ । ଉକ୍ତ ସେନ୍ସରର କାର୍ଯ୍ୟାବଳୀ ଉପରେ ପ୍ରଫେସର ମିଶ୍ର ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନାଚୁରାଲ ରିସୋର୍ସ ମ୍ୟାନେଜମେଣ୍ଟ ଓ ଜିଓ ଇନଫରମେଟିକ୍ ବିଭାଗ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଆଲୋଚନାଚକ୍ରକୁ ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ ପ୍ରଫେସର କେ.ଭି.ଆର. ଚାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେରୋଜିଆ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ମୁଖ୍ୟ ପ୍ରଫେସର ଦୀପକ ମିଶ୍ର, ୟୁଏସ୍‌ଏର ମହାକାଶ ବିଜ୍ଞାନୀ ଡ. କୈଳାସ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାକାଶଜନିତ ଜ୍ଞାନ, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମହାକାଶ ବିଜ୍ଞାନୀ ଡ. ସାହୁ ମହାକାଶ ଯାତ୍ରା ଓ ତାଙ୍କ ଦ୍ୱାରା ଆବିଷ୍କୃତ ଗ୍ରହଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟ କୁଳସଚିବ କିଶୋର ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇକୋ ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ ଡ. ମନୋଜ କୁମାର ଦାଶ ମଞ୍ଚାସୀନ ଥିଲେ। ନାଚୁରାଲ ରିସୋର୍ସ ମ୍ୟାନେଜମେଣ୍ଟ ଏଣ୍ଡ ଜିଓ ଇନ୍‌ଫରମେଟିକ୍ ବିଭାଗ ଆସୋସିଏଟ ପ୍ରଫେସର ଡ. ବି.ଏ.କେ. ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । ଆସୋସିଏଟ ପ୍ରଫେସର ଡ. ଏମ୍.ଆର. ମିଶ୍ର ଆଲୋଚନାଚକ୍ରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ସ୍କୁଲ ସମେତ ଝାଡଖଣ୍ଡ, ସିକିମ ବିଶ୍ୱବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ।

ଧରିତ୍ରୀ
DHARITRI


# ଗିରଫ ୧୧ ଜଣଙ୍କୁ କୋର୍ଟ ଚାଲାଣ

## ଢେପସାହି ହତ୍ୟା ମାମଲା

**ଭଞ୍ଜନଗର,୧୮।୧୨(ଡି.ଏନ୍.ଏ)**

ତାରସିଂ ଥାନା ବୁରପଲ୍ଲୀ ଢେପସାହିର ହାଡ଼ିଆ ନାଇକ ହତ୍ୟା ମାମଲାରେ ପୋଲିସ ବୁଧବାର ୧୧ ଜଣଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସୀମାଞ୍ଚଳ ଭୂୟାଁ, ନାରାୟଣ ଭୂୟାଁ, ଭିକାରୀ ନାୟକ, ରବୀନ୍ଦ୍ର ନାୟକ, ଅନନ୍ତ ସ୍ୱାଇଁ, ପ୍ରଦୀପ ପ୍ରଧାନ, ବାବୁଲା ଗୌଡ଼, ମନୁ ଗୌଡ଼, ପୂର୍ଣ୍ଣଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ଗୌଡ଼ ଓ ନରହରି ନାୟକ।

ପ୍ରକାଶଯେ ହାଡ଼ିଆ ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ଭୟଭୀତ କରି ରଖୁଥିଲେ। ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘଦିନ ହେଲା ଅସନ୍ତୋଷ ଲାଗି ରହିଥିଲା । ଗତ ୧୪ ତାରିଖ ହାଡ଼ିଆ ଜଣଙ୍କୁ ଧମକ ଦେଇଥିଲେ। ଏନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ହାଡ଼ିଆଙ୍କୁ ଆକ୍ରମଣକରି ବିଲମାଳରେ ଫୋପାଡ଼ି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେଇଥିଲେ। ସେଠାରେ ୧୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି। ଅପରପକ୍ଷେ ହାଡ଼ିଆଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି ଯେ, ଘଟଣା ଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ କଥା ହେବାକୁ ଯାଇଥିବାବେଳେ ଗ୍ରାମବାସୀ ତାଙ୍କ ପୁଅକୁ ଆକ୍ରମଣ କରିଥିଲେ। ପୋଲିସ ନଂ.୧୬୧।୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।


ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ଆର.ଉଦୟଗିରି, ୧୮।୧୨ (ଡି.ଏନ.ଏ.)- ଆର.ଉଦୟଗିରି ଥାନା ମହେନ୍ଦ୍ରଗଡ଼ ଗ୍ରାମ ନିକଟରେ ବୁଧବାର ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆର.ଉଦୟଗିରିର ଚନ୍ଦ୍ରଶେଖର ସେଠୀ ଓ ଚନ୍ଦ୍ରଗିରିର ବୁଲୁ ପ୍ରଧାନ। ଚନ୍ଦ୍ରଶେଖର ବାଇକ୍‌ରେ ଚନ୍ଦ୍ରଗିରିରୁ ଆର.ଉଦୟଗିରି ଆସୁଥିବା ବେଳେ ମହେନ୍ଦ୍ରଗଡ଼ ନିକଟରେ ବିପରୀତ ଦିଗରୁ ଆସୁଥିବା ବୁଲୁଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ଉଭୟ ବାଇକ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଆର.ଉଦୟଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ୪୦ ଲିଟର ମଦ ଜବତ, ଜଣେ ଗିରଫ

ଶଙ୍କରାଖୋଲ,୧୮।୧୨(ଡି.ଏନ୍.ଏ.)- ଟିକାବାଲି ଥାନା ଗୁମାଲମେଣ୍ଡି ଗ୍ରାମରେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ଟିକାବାଲି ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଜନକ କହଁର। ତାଙ୍କ ନିକଟରୁ ୪୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଥିବାବେଳେ ଟିକାବାଲି ଥାନାରେ ନଂ.୧୧୮/୧୯ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରେବତୀ ଶବର କହିଛନ୍ତି।

## ବେଆଇନ ବାଲି ଚାଲାଣ

# ୯ ଟ୍ରାକ୍ଟର ଜବତ, ୯ ଗିରଫ


ଜବତ ଟ୍ରାକ୍ଟର ।

**ଆସିକା,୧୮।୧୨(ଡି.ଏନ୍.ଏ.)**

ଆସିକା ଥାନା କୋଟିନଡା ଫାଣ୍ଡି ଅନ୍ତର୍ଗତ ଜୟପୁର-ପଢାଳ ମଧ୍ୟରେ ଋଷିକୁଲ୍ୟା ନଦୀରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବାବେଳେ ପୋଲିସ ୯ଟି ଟ୍ରାକ୍ଟର ଜବତ କରିଛି। ଏହି ମାମଲାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆସିକା ଥାନା ଅନ୍ତର୍ଗତ କୁମ୍ଭାରି ଗ୍ରାମର ସନ୍ନ୍ୟାସୀ ନାହାକ, ଜଗା ନାହାକ, କେ. ଲଛମନପଲ୍ଲୀ ଗ୍ରାମର ଚିତ୍ରସେନ ନାହାକ, ଶିବ ନାହାକ, ଧୋବାପଲ୍ଲୀ ଗ୍ରାମର ମନୋଜ କୁମାର ମହାନ୍ତି, ପଥରା ଗ୍ରାମର ହରେକୃଷ୍ଣ ପ୍ରଧାନ, କବିସୂର୍ଯ୍ୟନଗରର ମୂରଲି ମଲ୍ଲିକ, ଆଠଗଡ ଗ୍ରାମର ଅଶୋକ ମହାନ୍ତି, କଙ୍କୋରଡା ଗ୍ରାମର ରଞ୍ଜନ ସେଠୀ। ବିଧିବଦ୍ଧ ଭାବେ କାଗଜପତ୍ର ନଥିବା ଅଭିଯୋଗରେ ପୋଲିସ ଏହି ଟ୍ରାକ୍ଟର ଜବତ କରିଥିବାବେଳେ ଟ୍ରାକ୍ଟର ସବୁକୁ କୋଟିନଡା ଫାଣ୍ଡି ପରିସରରେ ରଖାଯାଇଛି। ତେବେ ଏହି ର୍ୟାକେଟ ଚଳାଉଥିବା ୪ଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଗିରଫନେଇ ପୋଲିସ ଉଦ୍ୟମ ଜାରି ରଖିଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୪୯୧/୧୯ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଗତ ସପ୍ତାହ ମଧ୍ୟରେ ପୋଲିସ ପକ୍ଷରୁ ଏହା ତୃତୀୟ ପଦକ୍ଷେପ। ଏଥିପୂର୍ବରୁ କୋଟିନଡା ନିକଟରେ ୪ ଟ୍ରାକ୍ଟର, ସୁନାମ୍ବସାହି ନିକଟରୁ ଋଷିକୁଲ୍ୟ ନଦୀ ବାଲି ଘାଟରୁ ୬ ଟ୍ରାକ୍ଟର ଓ ଜେସିବି ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଥିଲା।

# ନିଶା ଦେଇ ଲୁଟ୍ ମାମଲା, ୨ ଗିରଫ

**ଭଞ୍ଜନଗର,୧୮।୧୨(ଡି.ଏନ.ଏ)**

ବେଲଗୁଣ୍ଠା ଫାଣ୍ଡି ପୋଲିସ ନିଶା ଦେଇ ଲୁଟ୍ ମାମଲାରେ ବୁଧବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଗୁଡ଼ାର ସତ୍ୟବାନ ଗୌଡ଼ ଓ ଭୁବନେଶ୍ୱରର ଭରତ ସାହୁ। ଅଭିଯୁକ୍ତମାନଙ୍କ ଠାରୁ ଲୁଟ୍ ସମୟରେ ବ୍ୟବହୃତ ଅଟୋ, ୪ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି।

ପ୍ରକାଶ ଯେ, ଜଗନ୍ନାଥପ୍ରସାଦ ଥାନା ଗଣ୍ଡାଧାରର ୪ଜଣ ଭୁବନେଶ୍ୱରରୁ ଗ୍ରାମକୁ ଏକ ବସ୍ ଯୋଗେ ନଭେମ୍ବର ୧୦ ରାତିରେ ଫେରୁଥିଲେ। ଭୁଲରେ ସେମାନେ ରାତିରେ ଗଣ୍ଡାଧାରରେ ନଓହ୍ଲାଇ ଭଞ୍ଜନଗର ଚାଲି ଆସିଥିଲେ। ଅଭିଯୁକ୍ତଦ୍ୱୟ ଓଡ଼ଗା ଯିବୁ କହି ସେମାନଙ୍କ ଅଟୋରେ ଗଣ୍ଡାଧାରର ୪ଜଣଙ୍କୁ ବସାଇଥିଲେ। ବେଲଗୁଣ୍ଠାରେ ସେମାନେ ଯୋଜନାବଦ୍ଧ ଭାବେ ଚା'ରେ ନିଶା ଦେଇ ଦେଇଥିଲେ। ଏହାପରେ ୪ ଯୁବକ ଅଚେତ ହେବାପରେ ସେମାନଙ୍କୁ ବେଲଗୁଣ୍ଠା ପରେ ଏକ ପାହାଡ଼ ତଳେ ଶୁଆଇଦେଇ ସେମାନଙ୍କ ଟଙ୍କା ଓ ସୁନା ଲୁଟି ନେଇଥିଲେ। ସକାଳେ ସମ୍ପୃକ୍ତ ଅଞ୍ଚଳବାସୀ ଜାଣିବା ପରେ ଅଚେତ ଅବସ୍ଥାରେ ୪ ଯୁବକଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ।

## ଏନ୍‌ଏସି ପକ୍ଷରୁ ପଲିଥିନ ଚଢ଼ାଉ

**ଭଞ୍ଜନଗର,୧୮।୧୨(ଡି.ଏନ.ଏ)**

ଭଞ୍ଜନଗର ଏନ୍‌ଏସି ପକ୍ଷରୁ ବୁଧବାର ସହରର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ପଲିଥିନ, ଥର୍ମକୁଲ୍ ଜବତ କରାଯାଇଛି। ଏ ବାବଦରେ ୨୧ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

# ଓୟୁଏଟି ଡିନ୍‌ଙ୍କ କେବିକେ ପରିଦର୍ଶନ


ଡିନ୍ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

**ଭଞ୍ଜନଗର, ୧୮।୧୨ (ଡି.ଏନ.ଏ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧକ୍ଷ (ଡ଼ିନ୍) ପ୍ରଫେସର ପ୍ରଭାତ କୁମାର ରାଉଳ ବୁଧବାର ଭଞ୍ଜନଗର କେବିକେ ପରିଦର୍ଶନରେ ଆସିଥିଲେ। ଏହି ସମୟରେ କୃଷି ବିଜ୍ଞାନ କେନ୍ଦ୍ରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିବା ସହ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ଡ଼.ସନ୍ତୋଷ କୁମାର ସାମନ୍ତରାୟ, ସିଦ୍ଧାର୍ଥ ରଣବିଜୁଳି, ବିଷ୍ଣୁପଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସେ ଜଗନ୍ନାଥପ୍ରସାଦ ବ୍ଲକ ଚିକିଲି ଗ୍ରାମକୁ ଯାଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସୋରଡ଼ା ବ୍ଲକ ସୋରିଷବିଲି ଓ ଲାଠିପଡ଼ା ଗ୍ରାମରେ ଚାଲିଥିବା ନରୱେ ସରକାରଙ୍କ ସହାୟତାରେ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ।




# ପୋଡ଼ାଗଲା ଗଞ୍ଜେଇ ଗଛ

**ଆର.ଉଦୟଗିରି,୧୮।୧୨(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ଥାନା ନୂଆଗଡ ବ୍ଲକ ଅନୁଗୁରୁ ପଞ୍ଚାୟତ ଟଣ୍ଡରଙ୍ଗ ଗ୍ରାମ ପାହାଡ ଉପରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ବୁଧବାର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। ଜିଲାପାଳ ଅନୁପମ୍ ସାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଚଢାଉ କରାଯାଇଥିଲା। ପ୍ରାୟ ୪୫.୫୦୦ ଏକର ଜମିରେ ଲଗାଯାଇଥିବା ୫୧ହଜାର ଗଞ୍ଜେଇ ଗଛକୁ କାଟି ପୋଡି ଦିଆଯାଇଥିବା ଅବକାରୀ ଓଆଇସି ଜି. ସୁରିବାବୁ କହିଛନ୍ତି। ଏହି ଚଢାଉରେ ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାବେଳେ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମାହାନ୍ତି, ଥାନା ଅଧିକାରିଣୀ ମମତା ନାୟକ, ପାରଳାଖେମୁଣ୍ଡି ଅବକାରୀ ଇନ୍ସପେକ୍ଟର ପଦ୍ମଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ଜଣେ ମୃତ

**ଛତ୍ରପୁର,୧୮।୧୨(ଡି.ଏନ୍.ଏ.)**

ଚମାଖଣ୍ଡି ଥାନା ସମ୍ମୁଖ ଜାତୀୟ ରାଜପଥରେ ବୁଧବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଏକ୍ସେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୀତା ନଗର ଗ୍ରାମର ନଟ ପ୍ରଧାନ।

ନଟ ତାଙ୍କ ଏକ୍ସେଲ (ଓଆର୍ ୦୭ଏଏ ୮୫୦୬)ରେ ଛତ୍ରପୁରରୁ ସୀତାନଗରକୁ ଫେରୁଥିବା ବେଳେ ଥାନା ସମ୍ମୁଖରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଛି। ଫଳରେ ଶତାଧିକ ଗାଡ଼ି ଅଟକି ରହିଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା ଚଳାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ